# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**23 March – 2025**

---

# ମୁଖ୍ୟମନ୍ତ୍ରୀ–ଜଳ ଦିବସ

ଜଳ ସଂରକ୍ଷଣ ଏବଂ ଜଳସମ୍ପଦର ସଫଳ ପରିଚାଳନା ପାଇଁ ବ୍ୟକ୍ତିଗତ ତଥା ଗୋଷ୍ଠୀଗତ ସ୍ତରରେ ସମସ୍ତେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆହ୍ୱାନ ଦେଇଛନ୍ତି । ଭୁବନେଶ୍ୱର ଲୋକସେବା ଭବନଠାରେ ବିଶ୍ୱ ଜଳଦିବସ ପାଳନ ଅବସରରେ ଗତକାଲି ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୨୯ ସୁଦ୍ଧା ରାଜ୍ୟର ଅତିରିକ୍ତ ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି । ଖୁବ୍ ଶୀଘ୍ର ରାଜ୍ୟରେ ନୂତନ ଜଳନୀତି ପ୍ରଣୟନ କରାଯିବ ବୋଲି ସେ କହିଛନ୍ତି । ଜଳସମ୍ପଦର ସୁରକ୍ଷା ଏବଂ ଏହାର ସୁପରିଚାଳନା ପାଇଁ ଚଳିତବର୍ଷ ବଜେଟ୍‌ରେ ୧୪ହଜାର ୮୪୧କୋଟି ୭୨ଲକ୍ଷ ୯୨ହଜାର ଟଙ୍କା ବ୍ୟୟବରାଦ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

**-V/O-**

# ମୁଖ୍ୟମନ୍ତ୍ରୀ–ଛତିଶଗଡ ମୁଖ୍ୟମନ୍ତ୍ରୀ

ମହାନଦୀ ଜଳବିବାଦ ଏବଂ ଅନ୍ୟ କେତେକ ପ୍ରସଙ୍ଗ ନେଇ ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏବଂ ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କ ମଧ୍ୟରେ ଆଲୋଚନା ହୋଇଛି । ଓଡିଶାଗସ୍ତରେ ଆସିଥିବା ଶ୍ରୀ ସାଏ ଗତକାଲି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝିଙ୍କୁ ସାକ୍ଷାତ କରିଥିଲେ । ମୁଖ୍ୟମନ୍ତ୍ରୀ  କହିଛନ୍ତି, ଦୁଇ ପଡୋଶୀ ରାଜ୍ୟ ମଧ୍ୟରେ ଭାଷା ଓ ଭାବଗତ ସାମଞ୍ଜସ୍ୟ ରହିଛି । ଉଭୟ ରାଜ୍ୟର ଜନସାଧାରଣଙ୍କ ହିତ ଦୃଷ୍ଟିରୁ ମହାନଦୀ ଜଳ ସମ୍ପର୍କୀତ ମତଭେଦ ତୁରନ୍ତ ସମାଧାନ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଥିଲେ ।

## ରାଜ୍ୟପାଳ-ବିହାର ପ୍ରତିଷ୍ଠା ଦିବସ

ଓଡିଶା ଓ ବିହାର ମଧ୍ୟରେ ସୁଦୃଢ ଐତିହାସିକ, ସାମାଜିକ  ଓ ଅର୍ଥନୈତିକ ସମ୍ପର୍କ  ରହିଛି ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି । ବିହାରର ପ୍ରତିଷ୍ଠା ଦିବସ ପାଳନ ଅବସରରେ ରାଜଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟପାଳ କହିଛନ୍ତି, ଏଭଳି ପଦକ୍ଷେପ 'ଏକ ଭାରତ ଶ୍ରେଷ୍ଠ ଭାରତ'ର ଚିନ୍ତାଧାରାକୁ ଅଧିକ ସୁଦୃଢ କରୁଛି । ଉଭୟ ରାଜ୍ୟର ଯୁବବର୍ଗ ସେମାନଙ୍କର ଆକାଂକ୍ଷା ଓ ପ୍ରତିଭା ମାଧ୍ୟମରେ ଏକ ସମାବେଶୀ ଏବଂ ଗତିଶୀଳ ଭାରତ ଗଠନ ପାଇଁ ବ୍ରତୀ ହେବାକୁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି । ସୂଚନାଯୋଗ୍ୟ ଗତକାଲି ବିହାର ଏହାର ୧୧୩ତମ ପ୍ରତିଷ୍ଠାଦିବସ ପାଳନ କରିଛି ।

## ପିଆଜ

କେନ୍ଦ୍ର ସରକାର ପିଆଜ ରପ୍ତାନୀ ଉପରେ ୨୦ପ୍ରତିଶତ ଶୁଳ୍କ ପ୍ରତ୍ୟାହାର କରିଛନ୍ତି । ଏ ସଂକ୍ରାନ୍ତ ବିଜ୍ଞପ୍ତି ଗତକାଲି ପ୍ରକାଶ ପାଇବା ସହ ଆସନ୍ତା ମାସ ପହିଲାରୁ ଏହା ଲାଗୁ ହେବା ନେଇ ସ୍ପଷ୍ଟ ହୋଇଛି । ପିଆଜର ଅଧିକ ଉତ୍ପାଦନ ପରେ ଉଭୟ ମଣ୍ଡି ଓ ଖୁଚୁରା ମୂଲ୍ୟ ହ୍ରାସ ପାଇଛି । କୃଷକଙ୍କୁ ପାରଶ୍ରମିକ ଓ ଉଚିତ ମୂଲ୍ୟ ପ୍ରଦାନ କରିବା ଏବଂ ଉପଭୋକ୍ତାଙ୍କ ପାଇଁ ପିଆଜର ସୁଲଭ ଉପଲବ୍ଧତାକୁ ବଜାୟ ରଖିବା ଲକ୍ଷ୍ୟ ନେଇ ସରକାରଙ୍କ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି ।

## ବିଶ୍ୱ ପାଣିପାଗ ଦିବସ

ମନୁଷ୍ୟ ସମାଜକୁ ପାଣିପାଗ ଏବଂ ଏଥିସହିତ ଜଡ଼ିତ ଜଳବାୟୁ ପରିବର୍ତ୍ତନ ବାବଦରେ ସଚେତନତା ସୃଷ୍ଟି କରିବା ଲାଗି ୧୯୬୧ ମସିହା ପରଠାରୁ ପ୍ରତିବର୍ଷ ଆଜିର ଦିନକୁ ବିଶ୍ୱ ପାଣିପାଗ ଦିବସ ଭାବେ ପାଳନ କରାଯାଉଛି । ଚଳିତବର୍ଷର ବାର୍ତ୍ତା ରହିଛି, 'ପାଣିପାଗର ସଠିକ ପୂର୍ବାନୁମାନ ବିପର୍ଯ୍ୟୟ କ୍ଷୟକ୍ଷତି ରୋକିପାରିବ ।'୧୯୫୦ ମସିହା ଆଜିର ଦିନରେ ସ୍ୱିଜରଲ୍ୟାଣ୍ଡର ଜେନେଭା ଠାରେ ବିଶ୍ୱ ପାଣିପାଗ ବିଭାଗ ଗଠନ କରାଯାଇଥିଲା ।

## ବଳିଦାନ ଦିବସ

ମହାନ ସ୍ୱାଧୀନତା ସଂଗ୍ରାମୀ ଭଗତ ସିଂହ, ସୁକଦେବ ଥାପର ଏବଂ ଜୟୀ ରାଜଗୁରୁଙ୍କ ବଳିଦାନ ଦିବସ । ଇଂରେଜ ସରକାର ଆଜିର ଦିନରେ ୧୯୩୧ ମସିହାରେ ଏହି ତିନି ମହାନ୍ ଯୋଦ୍ଧାଙ୍କୁ ଫାଶୀ ଦେଇଥିଲେ । ସେମାନଙ୍କର ଦେଶପ୍ରେମ ଏବଂ ବଳିଦାନକୁ ସ୍ମରଣ କରିବା ପାଇଁ ଦେଶରେ ଆଜି ଶହୀଦ ଦିବସ ପାଳନ କରାଯାଉଛି ।

# ୟୁପିଆଇ ସେବା ବନ୍ଦ

ଆର୍ଥିକ ଠକେଇକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ୟୁନିଫାଏଡ ପେମେଣ୍ଟ ଇଣ୍ଟରଫେସ୍-ୟୁପିଆଇ ସହ ଜଡିତ କେତେକ ନିୟମରେ ପରିବର୍ତ୍ତନ କରାଯାଇଛି । ଦୀର୍ଘ ସମୟ ଧରି ନିଷ୍କ୍ରିୟ ରହିଥିବା ଉପଭୋକ୍ତାଙ୍କ ବ୍ୟାଙ୍କ ଖାତା ଲିଙ୍କ ମୋବାଇଲ ନମ୍ବର  ଆସନ୍ତାମାସ ପହିଲାରୁ ୟୁପିଆଇ ସେବାରୁ ବଂଚିତ ହେବେ ।  ଏ ନେଇ ଆସନ୍ତା ୩୧ତାରିଖ ସୁଦ୍ଧା ଡାଟାବେସ୍ ଅପଡେଟ୍ କରିବାକୁ ସମ୍ପୃକ୍ତ ବ୍ୟାଙ୍କ ଏବଂ ପେମେଣ୍ଟ ସେବା ପ୍ରଦାନକାରୀ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି ।

# ପୁଲିଂ ବୁଥସ୍ତରୀୟ ସର୍ବଦଳୀୟ ବୈଠକ

ଜନ ପ୍ରତିନିଧି ଆଇନ, ନିର୍ବାଚନ ପଞ୍ଜୀକରଣ ନିୟମ, ନିର୍ବାଚନ ଆଚରଣ ବିଧି ଏବଂ ଏ ସଂକ୍ରାନ୍ତ ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାବଳୀ

ଆଧାରରେ ଦେଶବ୍ୟାପୀ ନିର୍ବାଚନ ରେଜିଷ୍ଟ୍ରେସନ ଅଧିକାରୀଙ୍କ ପକ୍ଷରୁ ବିଧାନସଭା ମଣ୍ଡଳୀସ୍ତରୀୟ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେଉଛି । ଆସନ୍ତା ୩୧ ତାରିଖ ସୁଦ୍ଧା ଏହି ବୈଠକ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜାତୀୟ ଏବଂ ରାଜ୍ୟସ୍ତରୀୟ ରାଜନୈତିକ ଦଳଗୁଡିକର ସକ୍ରିୟ ଅଂଶଗ୍ରହଣ ମାଧ୍ୟମରେ ଅବାଧ ଏବଂ ସ୍ୱଚ୍ଛ ନିର୍ବାଚନ ପରିଚାଳନା ନେଇ ଏହି ବୈଠକରେ ମତ ବିନିମୟ ହେଉଛି । ନିର୍ବାଚନ ମଣ୍ଡଳୀସ୍ତରୀୟ ଅଭିଯୋଗଗୁଡିକର ସମାଧାନ ନିମନ୍ତେ ନିର୍ବାଚନ କମିଶନଙ୍କ ପକ୍ଷରୁ ଏହି ବୈଠକ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ।

## କାଳବୈଶାଖୀ

କାଳବୈଶାଖୀ ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ହୋଇଛି । ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ଏହାର ପ୍ରଭାବ ଅନୁଭୂତ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି । ତେବେ କାଳବୈଶାଖୀ ନେଇ ୧୨ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ବାରିପଦାରେ ଗତକାଲି ସର୍ବାଧିକ ୧୨୩ ଦଶମିକ ୪ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଗତ ୨୪ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ କୁଆପଥର ବୃଷ୍ଟି ସହ ବଜ୍ରପାତ ହୋଇଥିବା ଜଣାପଡିଛି ।